# Akashvani, Sambalpur

# SAMBALPURI NEWS MORNING BULLETIN

## 22 March 2026 - 6.47- 6.52 am.

---

ଏଲ୍‌ପିଜି-କେନ୍ଦ୍ର ସର୍କାର୍       ଏନ୍‌ଏସ୍‌ଡି

ରାଜ୍ୟମାନ୍‌କୁ ଅତିରିକ୍ତ ୨୦ ପ୍ରତିଶତ୍ ବାଣିଜ୍ୟିକ୍ ଏଲ୍‌ପିଜି ଯୁଗାବାର୍‌କେ କେନ୍ଦ୍ର ସର୍କାର୍ ଅନୁମୋଦନ୍ କରିଛନ୍ । ଇ ପଦକ୍ଷେପ୍ ଜରିଏ ମୋଟ୍ ଏଲ୍‌ପିଜି ଆବଂଟନ୍ ୫୦ ପ୍ରତିଶତ୍‌କେ ବଢ଼୍‌ବା । ଇ ଅତିରିକ୍ତ ଏଲ୍‌ପିଜି ରାଜ୍ୟମାନ୍‌କର୍ ରେଷ୍ଟୁରେଂଟ୍, ଢାବା, ହୋଟେଲ୍, କେଂଟିନ୍, ଗୁରସ୍ ଉତ୍ପାଦନ୍ କ୍ଷେତ୍ର ମାନ୍‌କୁ ଆବଂଟନ୍ ଲାଗି ପ୍ରାଥମିକତା ଦେବା । ଦେଶେ ପେଟ୍ରୋଲ୍ ଡିଜେଲ୍ ଆଉ ଏଲ୍‌ପିଜିର ଅଭାବ୍ ନାଇଁନ ବଲି ସର୍କାର୍ ସ୍ପଷ୍ଟ କରିଛନ୍ । ଇଥିର୍‌ଲାଗି ନାଇଁ ଡର୍‌ବାର୍ ଲାଗି ଭିଲ୍ ପେଟ୍ରୋଲିୟମ୍ ଆଉ ପ୍ରାକୃତିକ୍ ଗେସ୍ ମନ୍ତ୍ରଣାଳୟ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ବିଶ୍ୱ ଜଲ୍ ଦିବସ୍           ଆର୍‌ଏନ୍‌ୟୁ ସମ୍ବଲପୁର୍

ଜଲ୍ ଆଉ ଲିଙ୍ଗଗତ ସମାନତା ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଜଲ୍ ଦିବସ୍ । ୧୯୯୩ ମସିହାନୁ ଆଝିର୍ ଦିନ୍‌କେ ଜଲ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ସଫା ପିଇବାର୍ ପାଏନ୍ ପାଏବାର୍‌ଥି ମହିଲା ମାନେ ସମ୍ମୁଖୀନ୍ ହେଉଥିବା ଭେଦ୍‌ଭାବ୍‌କେ ଦୂର୍ କର୍‌ବାର୍ ଆଉ ସେମାନ୍‌କୁ ସଶକ୍ତ କର୍‌ବାର୍ ଉଦ୍ଦେଶ୍ୟଥି ଇ ଦିବସ୍ ପାଲନ୍ କରାଯାଉଛେ ।
ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷଠାନେ ବିଶ୍ୱ ଜଲ୍ ଦିବସ୍ ସମାରୋହ ୨୦୨୬ କାର୍ଯ୍ୟକ୍ରମଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଭିନ୍ ଭିନ୍ ଜଲ୍‌ସମ୍ପଦ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଲୋକାର୍ପଣ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଭିଲ୍ ଉପସ୍ଥିତ୍ ରହେବାର୍ କାର୍ଯ୍ୟସୂଚୀ ରହିଛେ ବଲି ରାଜ୍ୟ ଜଲ୍ ସମ୍ପଦ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଶା ପରବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ସମୃଦ୍ଧ ଖାଦ୍ୟ, ହସ୍ତଶିଳ୍ପ, ସଂସ୍କୃତି ଆଉ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ୍ ଜାଗାମାନ୍‌କୁ ବିଶ୍ୱସ୍ତର୍ ନ ପରିଚିତ୍ କର୍‌ବାର୍ ଲାଗି ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଗୁଜୁରାଟ୍‌ର ଅହମଦାବାଦ୍ ଠାନେ ଗଲାକାଏଲ୍ ଓଡ଼ିଶା ପରବ୍ ମୁଲ୍ ହେଇଛେ । ଉଦ୍‌ଘାଟନୀ ସମାରୋହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ଓଡ଼ିଶା ପରବ୍‌କେ ଗୁଟେ ମୁଖିଆ ସାଂସ୍କୃତିକ୍ ପ୍ରସାର୍ କାର୍ଯ୍ୟକ୍ରମ୍ ବଲି କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ରାଜ୍ୟ ସର୍‌କାର୍‌ଙ୍କର୍ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍ ଆଏବା ୨୩ ତାରିଖ୍‌ତକ୍ ଚାଲ୍‌ବା । ଉଦ୍‌ଘାଟନୀ ସମାରୋହଥି ଗୁଜ୍‌ରାତ୍‌ର ଉପମୁଖ୍ୟମନ୍ତ୍ରୀ ହର୍ଷ ସଂଘଭି ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ଓଡ଼ିଶା ପକ୍ଷ ହି.ସ.

ରାଏଜେ ଏପ୍ରିଲ୍ ୧ ତାରିଖ୍‌ନୁ ୧୪ ତାରିଖ୍‌ତକ୍ ଓଡ଼ିଶା ପକ୍ଷ ପାଳନ୍ କରାଯିବା । ଇ ଅବ୍‌ସରେ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍

ତର୍ଫୁ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯିବାର୍ ସହେତେ ବିଶ୍ୱବିଦ୍ୟାଲୟ ଆଉ ମହାବିଦ୍ୟାଲୟମାନ୍‌କେ ଆଏବା ୮ ତାରିଖ୍ ଏନ୍‌ସିସି, ଏନ୍‌ଏସ୍‌ଏସ୍, ୟୁଥ୍ ରେଡ଼କ୍ରସ ଆଉ ରୋଭର୍ସ ରେଞ୍ଜର୍ସ ତର୍ଫୁ ରକ୍ତଦାନ୍ ଶିବିର୍‌ର ଆୟୋଜନ୍ କରାଯବା । ଶିବିର୍‌ର ସବୁ ତଥ୍ୟ ଏଚ୍‌ଆଇଏମ୍‌ଏସ୍ ପୋଟଆଲ୍‌ଥି ଅପ୍‌ଲୋଡ୍ କର୍‌ବାର୍ ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ସବୁ ବିଶ୍ୱବିଦ୍ୟାଲୟର୍ ରେଜିଷ୍ଟ୍ରାର୍ ଆଉ ମହାବିଦ୍ୟାଲୟର୍ ଅଧ୍ୟକ୍ଷଙ୍କୁ ଚିଠି ଜରିଏ ଜନେଇ ଦିଆଯାଇଛେ ।

ସଖାଲ୍‌ପଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଢୁଥିବା ତାପମାତ୍ରା କେ ନଜର୍‌ଥି ରଖିକରି ସବୁ ସର୍‌କାରୀ ବିଦ୍ୟାଲୟମାନ୍‌କେ ସଖାଲ୍‌ପଡ଼ା କରାଯିବା ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚ୍‌ନା ଦେଇଛନ୍ । ଆଏବା ଦିନେ ଖରାକେ ନଜର୍‌ଥି ରଖିକରି ଇ ବାବ୍‌ଦେ ବୈଠକ୍ କରିକରି ନିଷ୍ପତି ନିଆଯିବା ବଲି ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ମୁଖ୍ୟ ଶାସନ୍ ସଚିବ-ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଆଉ ଓଡ଼ିଶା ରାଜ୍ୟ ପ୍ରଦୂଷଣ୍ ନିୟନ୍ତ୍ରଣ୍ ବୋର୍ଡ଼ର ଅଧ୍ୟକ୍ଷ ଅନୁ ଗର୍ଗ ଗଲାକାଏଲ୍ ଓଏସ୍‌ପିସିବି ମୁଖ୍ୟାଳୟ ନ ବୋର୍ଡ଼ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ରାଏଜେ ପ୍ରଦୂଷଣ୍‌କେ ରୁକ୍‌ବାର୍ ଲାଗି ନିଆଯାଉଥିବା ଭିନ୍ ଭିନ୍ ପଦକ୍ଷେପ୍ ଆଉ ଆଏବା ଦିନେ ପ୍ରସ୍ତୁତି ବାବ୍‌ଦେ ବୋର୍ଡ଼ର ସଦସ୍ୟମାନ୍‌କର୍ ସଙ୍ଗେ ଶ୍ରୀମତୀ ଗର୍ଗ ବିସ୍ତୃତ୍ ଭାବେ ଆଲୋଚନା କରିଥିଲେ ।

କାୟାକଳ୍ପ ପୁରସ୍କାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଉର୍‌କେଲା ମହାନଗର୍ ନିଗମ୍ ଇଲାକାର୍ ୧୦ ଟା ସହରାଂଚଲ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ପାନ୍‌ପୋଷ୍ ସହରାଂଚଲ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକେ କାୟାକଳ୍ପ ପୁରସ୍କାର୍ ମିଳିଛେ । ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ତିଲ୍‌କା ନଗର୍ ୟୁପିଏଚ୍‌ସି ପହେଲା ଠାନେ ରହିଛେ । ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ସହେତେ ଡାକ୍ତର୍‌ଖାନା ପରିସର୍‌କେ ସଫାସୁତ୍‌ରା

ରଖିବାର୍, ବର୍ଜ୍ୟବସ୍ତୁ ପରିଚାଳନା ଆଉ ଗୁଣାତ୍ମକ ସେବା ଲାଗି କେନ୍ଦ୍ର ସରକାରଙ୍କର୍ ତରଫୁ ଇ ସମ୍ମାନ୍ ଦିଆଯାଇଛେ ।

ସମ୍ବର୍ଦ୍ଧା ପ୍ରତିଯୋଗିତା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସମଲେଶ୍ୱରୀ ମନ୍ଦିର୍ ପରିସର୍ ନ ଗଲାକାଏଲ୍ ସମ୍ବର୍ଦ୍ଧା ପ୍ରତିଯୋଗିତା ହେଇଯାଇଛେ । ମନ୍ଦିର୍ ଟ୍ରଷ୍ଟବୋର୍ଡ଼ ତରଫୁ ପ୍ରତିଯୋଗିତାଥି ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନୁ ୮ ଟା ସମ୍ବର୍ଦ୍ଧା ଦଲ୍ ଭାଗ୍ ନେଇଥିଲେ ।

ପାରା ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୨୪ ନମ୍ବର୍ ଜାତୀୟ ପାରା ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍-୨୦୨୬ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଇକରି ସବୁ ବିଜେତା ଖେଲାଲିମାନ୍‌କୁ ପୁରସ୍କୃତ୍ କର୍‌ବାର୍ ସହେତେ ଆଏବା ଦିନେ ସବୁ

ଖେଲ୍‌ଥି ନିଜର୍ ପରିଶ୍ରମ୍‌କେ ଜାରି ରଖ୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ଚାମ୍ପିଆନ୍‌ସିପ୍‌ଥି ଓଡ଼ିଶା ୫ ଟା ସ୍ୱର୍ଣ୍ଣପଦକ୍ ସହେତେ ମୋଟ୍ ୧୭ ଟା ପଦକ୍ ହାସଲ୍ କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୪ ଦିନ୍‌ତକ୍ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ବଡ଼ଭାଗୀ ଜାଗା ନ ଧୂକାଗର୍ଦ୍ଦି ଆଉ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ କମ୍‌ବା । ତାର୍ ଉତ୍‌ରୁ ତାପମାତ୍ରା ଫେର୍ ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।